NEW PAPER: Sambad

DATE: 13.03.2019

PAGE: 16

SAMBAD
ସମ୍ବାଦ

# ଏଏସ୍‌ବିଏମ୍ ଓ ନଟିଂହାମ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୨/୩(ଇମିସ): ଭୁବନେଶ୍ୱରସ୍ଥିତ ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଓ ମାଲେସିୟାର ନଟିଂହାମ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନଟିଂହାମ୍ ବିଶ୍ୱବିଦ୍ୟାଳୟର ଭାଇସ୍ ପ୍ରୋଭଷ୍ଟ ପ୍ରଫେସର ଅଙ୍ଗ୍ ଫନ୍ ସିମ୍ ଏବଂ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକଙ୍କ ମଧ୍ୟରେ ଏହା ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଫାଉଣ୍ଡେସନ୍, ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା କ୍ଷେତ୍ରରେ, ଶିକ୍ଷା ଓ ଗବେଷଣା ସମ୍ପନ୍ଧୀୟ, ସମର ଓ ଉଇଣ୍ଟର୍ ସ୍କୁଲରେ ଅଂଶଗ୍ରହଣ, କ୍ରେଡିଟ୍ ଟ୍ରାନ୍ସଫର, ନିଯୁକ୍ତି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଉପକୃତ ହୋଇ ପାରିବେ ବୋଲି ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ପ୍ରଫେସର ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ଅତୀତରେ ଏଏସ୍‌ବିଏମ୍ ଓ ୧୨ଟି ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷା ସମ୍ବନ୍ଧୀୟ ବୁଝାମଣା ସ୍ୱାକ୍ଷରିତ ହୋଇଛି। ସେଥିମଧ୍ୟରୁ ଯୁକ୍ତରାଷ୍ଟ୍ର ଆମେରିକାର ମେଟ୍ରୋପଲିଟାନ ଷ୍ଟେଟ୍ ୟୁନିଭରସିଟି, ଇଷ୍ଟର୍ଣ୍ଣ ମିଚିଗାନ ୟୁନିଭରସିଟି, ସେଣ୍ଟକ୍ଲାଉଡ୍ ଷ୍ଟେଟ୍ ୟୁନିଭରସିଟି, ନର୍ଥ କାରୋଲିନା ସେଣ୍ଟ୍ରାଲ ୟୁନିଭରସିଟି, କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭରସିଟି ଅନ୍ୟତମ।